بسم الله الرحمن الرحيم

**୧୪ ମଇ ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଟେଲ୍‌ଫୋର୍ଡ୍**

ହ.ମୁସଲେହ ମଉଦ[ର.ଅ] କୁହନ୍ତି ମୋ ଅନ୍ତରରେ ମଧ୍ୟ ହଜୁର [ସ.ଅ]ଙ୍କ ପ୍ରତି ପ୍ରେମର ଯେଉଁ ଅଗ୍ନି ଶିଖା ଜଳୁଅଛି, ତାହା ସେମାନଙ୍କ ଲକ୍ଷ ଲକ୍ଷ ଲୋକମାନଙ୍କ ଅନ୍ତରରେ ନାହିଁ । ଯଦି ସେମାନଙ୍କୁ ଜ୍ଞାତ ହୋଇଯାନ୍ତା ତେବେ ସେମାନେ ସଙ୍ଗେସଙ୍ଗେ ଅହମଦିମାନଙ୍କ ପାଦ ତଳେ ପଡ଼ିଯାନ୍ତେ । ମନେରଖ ! ଏ ବିରୋଧୀମାନେ ତୁମମାନଙ୍କର ଭାଇ ଅଟନ୍ତି, ଯେଉଁମାନେ କିଛି ଭ୍ରମ ଧାରଣାର ଶିକାର ହୋଇଛନ୍ତି । ସୁତରାଂ ତୁମେ ସେମାନଙ୍କ ଉପରେ ରୁଷ୍ଟ ହେବା ପ୍ରତିବଦଳେ ସେମାନଙ୍କ ପାଇଁ ଦୁଆ କର ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍‌ଲଲ୍‌ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ ନିର୍‌ରଜିମ୍ । ବିସ୍‌ମିଲ୍ଲାଃ ହିର୍‌ରହ୍‌ମାନ ନିର୍‌ରହିମ୍ । ଅଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ ଆଲମିନ୍ ଅର୍ ରହ୍‌ମାନ ନିର୍‌ରହିମ । ମାଲିକି ୟୋମିଦ୍‌ଦିନ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ । ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ । ଗୈରିଲ୍ ମଗ୍‌ଯୁବି ଅଲୈହିମ ଓ୍ୱଲଜ୍ୱାଲିନ୍ । ଆମିନ୍ ।**

ତଶହୁଦ୍, ତ'ଉଜ ଓ ସୁରେ ଫାତିହା ପାଠ କରିବା ପରେ ହଜୁର ଅନଓ୍ୱର[ଅ.ବ] କହିଲେ: ଗତ କିଛି ଦିନ ପୂର୍ବେ ଜଣେ ମୌଲବି ସାହେବ ସୋସିଆଲ୍ ମିଡ଼ିଆରେ ବୟାନ ଦେଉଥିଲେ ଯେ ବିଶ୍ୱରେ ଯେଉଁସ୍ଥଳେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳା ଓ ବିଭ୍ରାଟ ଦେଖା ଦେଉଛି ତାହାର କାରଣ କାଦିୟାନୀ ଅହେମଦି ଅଟନ୍ତି । ବରଂ ଫିଲସ୍ତିନ୍‌ରେ ମଧ୍ୟ ଯେଉଁ ଘମାଶାନ ଯୁଦ୍ଧର ଉତ୍କଟ ପରିସ୍ଥିତି ଉପୁଜିଛି ତାହାର କାରଣ ମଧ୍ୟ କାଦିୟାନୀ ଅହେମଦି ଅଟନ୍ତି । ପୁଣି ଆଗକୁ ଯେପରି ସେମାନେ ଆଚରଣ ପ୍ରଦର୍ଶନ କରିଥାନ୍ତି ଏବଂ କହିଥାନ୍ତି ଯେ ଅହେମଦିମାନଙ୍କ ସହିତ ଏହିପରି ବ୍ୟବହାର ପ୍ରଦର୍ଶନ କର, ସେମାନଙ୍କୁ ନିର୍ଯ୍ୟାତନା ଦିଅ ଅଥବା ତାଙ୍କୁ ହତ୍ୟା କର ସବୁକିଛି ବୈଧ ଅଟେ । ତେବେ ସେ ଯାହା ହେଉ ନା କାହିଁକି ଏହା ସେମାନଙ୍କ ମୁଖ ନିଃସୃତ କଥନମାନ । ଯେବେଠାରୁ ଅହେମଦିୟତ୍‌ର ଅଧ୍ୟାୟ ଆରମ୍ଭ ହୋଇଛି ସେତେବେଳ ଠାରୁ ସେମାନେ ଅହେମଦିମାନଙ୍କ ପ୍ରତି ଏପରି ଆଚରଣ ପ୍ରଦର୍ଶିତ କରିଆସିଛନ୍ତି, ଯେ ନିଜକୁ ଅମାନ୍ୟକାରୀଙ୍କ ପ୍ରମୁଖ ବୋଲାନ୍ତି । କିନ୍ତୁ ପ୍ରଭୁଙ୍କ ଅଶେଷ ଦୟା ଯେ ଆମେ ସେହି ମସିହି ଓ ମେହଦିଙ୍କୁ ସ୍ୱୀକାର କରିଛେ ଯିଏ ଆମକୁ ଏହି ଶିକ୍ଷା ଦେଇଛନ୍ତି; ସେମାନଙ୍କ କଟୁବାକ୍ୟ, ହୃଦୟଗ୍ରାସୀ ଅପକଥନ ଶୁଣି ତଥା ସେମାନଙ୍କ କଷ୍ଟ ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଲେ ମଧ୍ୟ ତୁମମାନଙ୍କ ପାଇଁ ଅନିବାର୍ଯ୍ୟ କି ତୁମେ ଧୈର୍ଯ୍ୟ ରକ୍ଷା କରିବ ଏବଂ ଦୁଆ କରିବ । ଯେପରିକି ମୁଁ ଇଦ୍‌ର ଖୁତବାରେ କହିଥିଲି ଆମର କାର୍ଯ୍ୟ ଦୁଆ କରିବା

ଏବଂ ଯେପରି ହ.ମସିହ ମଉଦ[ଅ.ସ] କହିଛନ୍ତି, ଶତ୍ରୁ ପାଇଁ ମଧ୍ୟ ଦୁଆ କର । ଏହି ବିରୋଧର ସମ୍ମୁଖୀନ ହେବା ଆମମାନଙ୍କ ପାଇଁ କୌଣସି ନୂଆ କଥା ନୁହେଁ । ଏହି ବିରୋଧ ତ' ହ.ମସିହ ମଉଦ [ଅ.ସ]ଙ୍କ ସମୟ କାଳରୁ ହିଁ ଅବ୍ୟାହତ ରହିଛି । ଯେବେ ଠାରୁ ଆପଣ ଜମାଅତର ସ୍ଥାପନ କରିଥିଲେ । ହ.ମସିହ ମଉଦ [ଅ.ସ]ଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା ଏବଂ ଆପଣଙ୍କ ସନ୍ଦେଶ ଓ ଉପଦେଶ ଶୁଣିବାକୁ ଆସୁଥିବା ମାନ୍ୟକାରୀଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଛି । କାରଣ ସେମାନଙ୍କୁ ଏହି ଭୟ ଓ ଆଶଙ୍କା ରହୁଥିଲା ଯେ ଯଦି ସେମାନେ ହ.ମସିହ ମଉଦ [ଅ.ସ]ଙ୍କ ପ୍ରବଚନ ଶୁଣି ନିଅନ୍ତି ତେବେ ଆପଣଙ୍କ ବୈଅତ କରିନେବେ, ସେମାନଙ୍କୁ ଜ୍ଞାତ ଥିଲା ଯେ ସତ୍ୟ ଏମାନଙ୍କ ସହିତ ଅଛି । ତେଣୁ ସେହି ବିରୋଧୀମାନେ କେବଳ ଲୋକମାନଙ୍କ ପଥ ଅବରୁଦ୍ଧ କରୁ ନଥିଲେ ବରଂ ସେମାନଙ୍କ ଉପରେ ଆକ୍ରମଣ ମଧ୍ୟ କରୁଥିଲେ କିନ୍ତୁ ତଥାପି ହ.ମସିହ ମଉଦ[ଅ.ସ] ସେମାନଙ୍କ ପାଇଁ ଦୁଆ ହିଁ କରୁଥିଲେ ଯେ ଆପଣ ଓ ଆପଣଙ୍କ ମାନ୍ୟକାରୀଙ୍କ ସହ ଏପରି ଶତ୍ରୁତା ଓ କ୍ରୁର ଆଚରଣ ପ୍ରଦର୍ଶନ କରୁଥିଲେ । ତାହା ସେହି ଦୁଆର ପରିଣାମ ଥିଲା ଯଦ୍ୱାରା ସେହି ଶତ୍ରୁମାନଙ୍କ ମଧ୍ୟରୁ କେତେକ ଅହମଦିୟତ୍‌ରେ ଶାମିଲ ହୋଇଗଲେ ଏବଂ ହୋଇ ଚାଲିଛନ୍ତି । ସୁତରାଂ ଆମେମାନେ ସେହି ମୌଲବିମାନଙ୍କ ପରି ଅପକଥନ ଓ କଟୁବଚନ କରିବୁ ନାହିଁ । ବରଂ ସେମାନଙ୍କ ପାଇଁ ଦୁଆ କରିବୁ ଯେପରିକି ଆମେ ସର୍ବଦା ଦେଖିଥାଉ ଯେ ସେହିମାନଙ୍କ ମଧ୍ୟରୁ ପ୍ରେମ ଓ ପ୍ରୀତି ସମ୍ପର୍କର ବୁନ୍ଦାମାନ ଝରିଥାଏ । ସେହିପରି ଆସନ୍ତାରେ ମଧ୍ୟ ଝରିବ **ଇନ୍ନଶାଅଲ୍ଲାଃ ।** ସେମାନଙ୍କୁ କଷ୍ଟ ପହଂଚିଲେ ଆମକୁ ମଧ୍ୟ କଷ୍ଟ ହୋଇଥାଏ । ଏହାର କାରଣ ହ.ମସିହ ମଉଦ[ଅ.ସ] ଅଟନ୍ତି ଏବଂ ପରମେଶ୍ୱରଙ୍କର ମଧ୍ୟ ଏହି ଆଦେଶ ଯେ ଆମ ଉପରେ ପଥଭ୍ରଷ୍ଟ ସାଧାରଣ ଜନତାଙ୍କ ଅତ୍ୟାଚାରର କାରଣ ସେମାନଙ୍କ ଭ୍ରାନ୍ତ ଧାରଣା ଏବଂ ସେମାନଙ୍କର ହଜୁର [ସ.ଅ]ଙ୍କୁ ଭଲପାଇବା ଯୋଗୁଁ ଅଟେ । ଏଥିପାଇଁ ସେମାନଙ୍କ ପାଇଁ ଅନିଷ୍ଟ ଓ ଅଭିଶାପର ଦୁଆ କର ନାହିଁ ।

ହ.ମୁସଲେହ ମଉଦ[ର.ଅ] ଏକ ଘଟଣା ଚର୍ଚ୍ଚା କରି କୁହନ୍ତି ଯେତେବେଳେ ମୁଁ ବାଳକ ଥିଲି ସେତେବେଳେ ହ.ମସିହ ମଉଦ[ଅ.ସ] ଲାହୋରସ୍ଥିତ ଏକ ନିମଣନ୍ତ୍ରରୁ ପ୍ରତ୍ୟାବର୍ତନ କରୁଥିଲେ । ଆପଣ ବଜାର ମଧ୍ୟ ଦେଇ ଯେତେବେଳେ ଅତିକ୍ରମ କଲେ ସେତେବେଳେ ଲୋକମାନେ ନିଜ ଛାତ ଉପରେ ଛିଡ଼ା ହୋଇ ଆପଣଙ୍କୁ ଗାଳି ଦେବା ଆରମ୍ଭ କଲେ ଏବଂ କହିଲେ ମିର୍ଜା ପଳାୟନ କଲା । ଏହିପରି ଆଉ ଏକ ଘଟଣାର ଚର୍ଚ୍ଚା କରନ୍ତି: ଏକଦା ହ.ମସିହ ମଉଦ[ଅ.ସ] ଲାହୋର ଯାଉଥିଲେ ଯେ ପଛ ପଟୁ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଆପଣଙ୍କ ଉପରେ ଆକ୍ରମଣ କରିଦେଲା ଏବଂ ଆପଣ ପଡ଼ିଗଲେ । ଆଉ କେତେକ ବର୍ଣ୍ଣନାନୁଯାୟୀ ହ.ମସିହ ମଉଦ[ଅ.ସ] ଝୁଣ୍ଟି ପଡ଼ିଲେ କିନ୍ତୁ ତଳେ ପଡ଼ି ନଥିଲେ । ଏହିପରି ହ.ମୁସଲେହ ମଉଦ[ର.ଅ] କୁହନ୍ତି ଲୋକମାନଙ୍କ ପଥର ମାରିବାର ମଧ୍ୟ ଆମେ ଦେଖିଛୁ ।

ବାସ୍ତବରେ ସେମାନେ ହଜୁର ସ.ଅଙ୍କୁ ଭଲ ପାଇବା ଯୋଗୁଁ ଏପରି ହରକତ କରିଥାନ୍ତି । ହ.ମୁସଲେହ ମଉଦର.ଅ କୁହନ୍ତି ମୋ ଅନ୍ତରରେ ମଧ୍ୟ ହଜୁର ସ.ଅଙ୍କ ପ୍ରତି ପ୍ରେମର ଯେଉଁ ଅଗ୍ନି ଶିଖା ଜଳୁଅଛି, ତାହା ସେମାନଙ୍କ ଲକ୍ଷ ଲକ୍ଷ ଲୋକମାନଙ୍କ ଅନ୍ତରରେ ନାହିଁ । ଯଦି ସେମାନଙ୍କୁ ଜ୍ଞାତ ହୋଇଯାନ୍ତା ତେବେ ସେମାନେ ସଙ୍ଗେସଙ୍ଗେ ଅହମଦିମାନଙ୍କ ପାଦ ତଳେ ପଡ଼ିଯାନ୍ତେ । ମନେରଖ ! ଏ ବିରୋଧୀମାନେ ତୁମମାନଙ୍କର ଭାଇ ଅଟନ୍ତି, ଯେଉଁମାନେ କିଛି ଭ୍ରମ ଧାରଣାର ଶିକାର ହୋଇଛନ୍ତି । ସୁତରାଂ ତୁମେ ସେମାନଙ୍କ ଉପରେ ରୁଷ୍ଟ ହେବା ପ୍ରତିବଦଳେ ସେମାନଙ୍କ ପାଇଁ ଦୁଆ କର ।

ହ.ମୁସଲେହ ମଉଦର.ଅ ହ.ମୌ.ଅବଦ୍ଦୁଲ୍ କରିମ୍ ସାହେବଙ୍କର ଏକ ଘଟଣା ଚର୍ଚ୍ଚା କରି କୁହନ୍ତି; ଗୋଟିଏ ସ୍ଥାନରେ ହ.ମୌ.ଅବଦ୍ଦୁଲ୍ କରିମ୍ ସାହେବ କହୁଥିଲେ ମୁଁ ଘରର ଉପର ମହଲାରେ ରହୁଥିଲି ଏବଂ ହ.ମସିହ ମଉଦଅ.ସ ଘରର ତଳ ମହଲାରେ ରହୁଥିଲେ, ଏକଦା ତଳ ମହଲାରୁ କାନ୍ଦିବାର ସ୍ୱର ଶୁଣାଗଲା ଯେପରି ଜଣେ ମହିଳା ପ୍ରସବ ପୀଡ଼ାରେ ରୋଦନ କରିଥାଏ । ମୁଁ ଆଶ୍ଚର୍ଯ୍ୟ ଚକିତ ହେଲି ଏବଂ ମୁଁ କାନ୍ଥ ସହିତ କର୍ଣ୍ଣ ସଂଲଗ୍ନ କରି ଶୁଣିବାକୁ ଚେଷ୍ଟା କଲି ତେବେ ଜାଣି ପାରିଲି ଯେ ହ.ମସିହ ମଉଦଅ.ସ ଦୁଆ କରୁଛନ୍ତି ଏବଂ ହଜୁର ଏହି ଦୁଆ କରୁଥିଲେ ହେ ପ୍ରଭୁ ! ପ୍ଲେଗ୍ ରୋଗ ନିଜର ପ୍ରଭାବ ବିସ୍ତାର କରିଚାଲିଛି । ଲୋକେ ତାହାର ଶିକାର ହୋଇଚାଲିଛନ୍ତି । ହେ ପ୍ରଭୁ ! ଯଦି ଏମାନେ ବିନାଶ ହୋଇଗଲେ ତେବେ ତୁମ ଉପରେ ବିଶ୍ୱାସ କିଏ ଆଣିବ । ଏବେ ଦେଖ ପ୍ଲେଗ୍ ରୋଗ ପରିବ୍ୟାପ୍ତ ହେବା ଏକ ଚିହ୍ନ ଥିଲା ଯାହାର ହଜରତ ମୁହମ୍ମଦ ରସୁଲୁଲ୍ଲାଃସ.ଅ ଭବିଷ୍ୟତବାଣୀ କରିଥିଲେ । କିନ୍ତୁ ଯେତେବେଳେ ତାହା ଆସିଲା ଯାହାକି ଆପଣଙ୍କ ସତ୍ୟବାଦୀ ହେବାର ଏକ ନିଦର୍ଶନ ସ୍ୱରୂପ ଥିଲା, ଆପଣ ଆତୁରତାର ସହ ପ୍ରଭୁଙ୍କ ଶରଣରେ ଦୁଆ କରୁଛନ୍ତି ଯେ ଯଦି ଏମାନେ ବିନାଶ ହୋଇଗଲେ ତେବେ ତୁମ ଉପରେ ବିଶ୍ୱାସ କିଏ ଆଣିବ ? ସୁତରାଂ ଜଣେ ବିଶ୍ୱାସକାରୀକୁ ସାଧାରଣ ଜନତା ପାଇଁ ଅନିଷ୍ଟ ପ୍ରାର୍ଥନା କରିବା ଉଚିତ ନୁହେଁ । ଦେଖ ! ତୁମ ଠାରୁ ପରମେଶ୍ୱରଙ୍କ ସ୍ୱାଭିମାନ ଢେର ଅଧିକ । ହ.ମସିହ ମଉଦ ଅ.ସଙ୍କୁ ପ୍ରଭୁ ଐଶୀବାଣୀ କରି କହିଲେ–

ଅଏ ଦିଲ ତୁ ନିଜ୍ ଖାତିରେ ଇନାଁ ନିଗାହାଦାର      କାଖର କୁନନ୍ଦ୍ ଦାଓା ହୁବ୍‌ବେ ପୈୟମ୍ବରୀ

ଉକ୍ତ କବିତାରେ ପରମେଶ୍ୱର ହଜରତ ମସିହ ମଉଦ ଅ.ସଙ୍କ ହୃଦୟକୁ ଇଙ୍ଗିତ କରି ଆପଣଙ୍କ ମୁଖରୁ ଏହା ନିଃସୃତ କରିଛନ୍ତି ଯେ ହେ ମୋ ହୃଦୟ ! ତୁ ସେହି ଲୋକମାନଙ୍କ ଭାବନା ଓ ମନବାନ୍ଛାକୁ ଧ୍ୟାନରେ ରଖ, ଯେପରି ସେମାନଙ୍କ ହୃଦୟ ମଳିନ ପଡ଼ି ନଯାଉ । ଏପରି ନହେଉ କି ତୁ ରୁଷ୍ଟ ହୋଇ ସେମାନଙ୍କ ଅମଙ୍ଗଳ କାମନା କରି ବସ । ଅନ୍ତତଃ ସେମାନଙ୍କ ହୃଦୟରେ ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ସହିତ ପ୍ରେମ ଓ ପ୍ରୀତି ସମ୍ପର୍କ ରହିଛି । ଯେଉଁଥିପାଇଁ ସେମାନେ ତୁମକୁ

ଗାଳିଗୁଲଜ କରୁଛନ୍ତି ।

ଏହା ହିଁ ସତ୍ୟ ଏବଂ ଆମେ ଜାଣୁ ଯେ ଆମ ବିରୋଧୀମାନଙ୍କ ମଧ୍ୟରୁ ଗୋଟିଏ ଅଂଶ ଅବାନ୍ତର ବିରୁଦ୍ଧାଚରଣ କରିଥାନ୍ତି । କିନ୍ତୁ ପାକିସ୍ତାନ ଓ ବିଶ୍ୱର ଅନ୍ୟାନ୍ୟ ଦେଶମାନଙ୍କରେ ବସବାସ କରୁଥିବା କେତେକ ସରଳ ମୁସଲମାନମାନେ ମଧ୍ୟ ସେମାନଙ୍କ ଜାଲରେ କବଳିତ । ଅସଲରେ ସେମାନଙ୍କର ବିରୁଦ୍ଧାଚରଣ ଆମ ମୁନିବ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ପ୍ରେମ କରିବା ଯୋଗୁଁ ହିଁ ଅଟେ । ଯେତେବେଳେ ସେମାନଙ୍କ ନିକଟରେ ଏହି ରହସ୍ୟ ଉନ୍ମୋଚିତ ହେବ ଯେ ପ୍ରକୃତପକ୍ଷେ ଆମେ ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ପାଗଳ ପ୍ରେମୀ ସେତେବେଳେ ସେମାନେ କହିବେ ଏମାନଙ୍କୁ ସାହାଯ୍ୟ ଓ ସହଯୋଗ କର । ସେହି ଦିନ ନିଶ୍ଚିତ ଆସିବ ଏବଂ ଦିନେ ନା ଦିନେ ଏହି ବିରୁଦ୍ଧାଚରଣରେ **ଇନ୍‌ଶାଅଲ୍ଲାଃ** ପୂର୍ଣ୍ଣଚ୍ଛେଦ ପଡ଼ିବ ।

ଯଦି ମୌଲବୀମାନେ ଆମ ବିରୁଦ୍ଧରେ ଟିପ୍ପଣୀ ଦିଅନ୍ତି ତେବେ ସେମାନେ ଆମର ଉପକାର ହିଁ କରୁଛନ୍ତି । କାରଣ ସେହି ଗୋଷ୍ଠୀରେ ଯେଉଁମାନଙ୍କ ନିକଟରେ ଆମ ସନ୍ଦେଶ ପହଂଚିବା କଷ୍ଟକର ଥିଲା ତାହା ଏହି ମୌଲବୀମାନଙ୍କ ଦ୍ୱାରା ହେଉଅଛି । ଆମର କାର୍ଯ୍ୟ ହେଲା ଯେ ଆମେମାନେ କେବଳ ଧୈର୍ଯ୍ୟ ରକ୍ଷା କରି ଦୁଆ କରିବା ସହିତ ନିଜ ଭାବନା ଓ ଆବେଗକୁ ଆୟତାଧୀନ ତଥା ପବିତ୍ର ରଖିବା । ସେମାନଙ୍କ ପାଇଁ ଦୁଆ କର ଯେ ଅଲ୍ଲାଃତାଲା ଖୁବ୍ ଶୀଘ୍ର ସେମାନଙ୍କ ଚକ୍ଷୁରେ ପଡ଼ିଥିବା ପରଦାକୁ ଦୂରେଇ ଦେଉ ଏବଂ ସେମାନେ ଯୁଗାବତାରଙ୍କୁ ଚିହ୍ନି ନିଅନ୍ତୁ । ଆମିନ୍

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱନସ୍‌ତଇନୁହୁ ଓ୍ୱନସ୍‌ତଗ୍‌ଫିରୁହୁ ଓ୍ୱନୁମିନୁ ବିହି ଓ୍ୱନତଓ୍ୱକ୍‌କଲୁ ଅଲୈ ଓ୍ୱନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ଓ୍ୱମିନ୍ ସଇଆତି ଆମାଲିନା ମଇଁ ୟହଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ଓ୍ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓ୍ୱ ନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍‌ଲଲ୍‌ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲି ଓ୍ୱଲ୍ ଇହ୍‌ସାନି ଓ୍ୱ ଇତାଇଜିଲ୍ କୁର୍‌ବା ଓ୍ୱ ୟନ୍‌ହା ଅନିଲ୍ ଫାହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ ଲାଅଲ୍ଲକୁମ ତଜକ୍ କରୁନା । ଉଯ୍‌କୁରୁଲ୍ଲାହା ୟଜ୍‌କୁରୁକୁମ୍ ଓ୍ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓ୍ୱଲଜିକରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

14th May 2021